## ୧୭୫ କେଜି ମହୁଲ ଜବତ

ବଇଣ୍ଡା, (ଡି.ଏନ୍.ଏ.)-ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପଥରଗୁଞ୍ଜା ଗ୍ରାମରେ ଶନିବାର ଅବକାରୀ ବିଭାଗ ଚଢ଼ାଉ କରି ପରମାନନ୍ଦ ମାଝିଙ୍କ ଘରୁ ୧୭୫ କିଲୋଗ୍ରାମ ମହୁଲ ଜବତ କରିଛି। ପରମାନନ୍ଦ ବେଆଇନ ଭାବେ ମହୁଲ ଚାଲାଣ କରୁଥିବା ସୂଚନା ମିଳିବା ପରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

## ସଂକ୍ଷେପରେ

### ସାଇନଗର ବସ୍ତିରେ ଅଗ୍ନିକାଣ୍ଡ



ଅନୁଗୋଳ ଅଫିସ, ୫।୨: ଅନୁଗୋଳ ସହର ଉପକଣ୍ଠ ଶିକ୍ଷକପଡ଼ା ସାଇମନ୍ଦିର ପଛପଟେ ଥିବା ବସ୍ତିରେ ଶନିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୨ ବଖରା ସମ୍ପୂର୍ଣ୍ଣ ପୋଡ଼ି ଛାରଖାର ହୋଇଯାଇଛି। ତେବେ ବସ୍ତିବାସିନ୍ଦାଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଏକ ବଡ଼ ଧରଣର ଅଗ୍ନିକାଣ୍ଡକୁ ଏଡ଼ାଇ ଦିଆଯାଇଛି। ଶର୍ଟସର୍କିଟରୁ ଏହି ଅଘଟଣ ଘଟିଥିବା ଆଶଙ୍କା କରାଯାଉଛି। ଅନୁଗୋଳ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିପନ୍ନ ପରିବାରକୁ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

### ଶ୍ରମିକଙ୍କ ମୃତଦେହ ଜବତ

ରାସୋଳ, ୫।୨(ଡି.ଏନ୍.ଏ.): ଢେଙ୍କାନାଳ ଜିଲା ରାସୋଳ ଥାନା ଅନ୍ତର୍ଗତ ଖଣ୍ଡତିରି ଗ୍ରାମର ଶ୍ରମିକ ସୁଶାନ୍ତ ନାଏକ (୩୨)ଙ୍କ ମୃତଦେହ ମାଡୁଆ ନୂଆସାହି ରାଧାଦେଇପୁର ଛକ ନିକଟରୁ ଜବତ କରାଯାଇଛି। ସୁଶାନ୍ତ ସ୍ଥାନୀୟ ଅଞ୍ଚଳର ଏକ ଗ୍ରାନାଇଟ୍ ପଥର ଖଣିରେ କାମ କରୁଥିଲେ। ଶୁକ୍ରବାର ସେ କାମ କରିବାକୁ ଯାଇ ଆଉ ଫେରି ନ ଥିଲେ। ଶନିବାର ଭୋର୍ ସମୟରେ ତାଙ୍କ ମୃତଦେହ ରାଧାଦେଇପୁର ଛକ ନିକଟରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ନଂ. ୧/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତେବେ ସୁଶାନ୍ତଙ୍କ ମୃତ୍ୟୁକୁ ନେଇ କଳ୍ପନାଜଳ୍ପନା ଲାଗି ରହିଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟରୁ ଏହାର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ୬୪ ପଜିଟିଭ୍ ଚିହ୍ନଟ

ଢେଙ୍କାନାଳ ଅଫିସ, ୫।୨: ଢେଙ୍କାନାଳ ଜିଲାରୁ ଶନିବାର ୬୪ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଓଡ଼ାପଡ଼ା ବ୍ଲକରୁ ୧୩, ପରଜଙ୍ଗ ବ୍ଲକରୁ ୧୫, କାମାକ୍ଷାନଗର ବ୍ଲକରୁ ୭, ସଦର ବ୍ଲକରୁ ୧୨, ଭୁବନରୁ ୬, ଢେଙ୍କାନାଳ ପୌରାଞ୍ଚଳରୁ ୩, ହିନ୍ଦୋଳ ବ୍ଲକରୁ ୧, କଙ୍କଡ଼ାହାଡ଼ ବ୍ଲକରୁ ୧ ଏବଂ ଅନ୍ୟ ଚିକିତ୍ସାଳୟରୁ ୬ ଜଣ ରହିଛନ୍ତି। ସେହିପରି ଦିନକରେ ୫୬ ଜଣ ସୁସ୍ଥ ହୋଇଛନ୍ତି। ଜିଲାରେ ଏବେ ୪୦୦ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି। କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୨୫୪ରେ ସୀମିତ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### କେନାଲରେ ବୁଡ଼ି ବୃଦ୍ଧ ମୃତ

ପବିତ୍ରନଗର, ୫।୨(ଡି.ଏନ୍.ଏ.): ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନା ବିକିସର ଗ୍ରାମର ରବି ବେହେରା (୬୭)ଙ୍କ ଶନିବାର କେନାଲରେ ବୁଡ଼ି ମୃତ୍ୟୁ ଘଟିଛି। ସେ ଅପରାହ୍ନ ପ୍ରାୟ ୨ଟାରେ ଗାଧୋଇବାକୁ ଯାଇଥିବାବେଳେ ଗଭୀର ପାଣିରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ। ସୂଚନା ପାଇ ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ପାଣିରୁ ଉଦ୍ଧାର କରିଥିଲେ। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ସମଲ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ତାଳଚେର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲା।

### ବିଦ୍ୟୁତ୍ ଟ୍ରାନ୍ସଫର୍ମର ମୁକୁଳା



ପରଜଙ୍ଗ, ୫।୨(ଡି.ଏନ.ଏ.): ପରଜଙ୍ଗ ବ୍ଲକ କୁଆଲୋ ପୁରୁଣା ଗ୍ରାମ ନିକଟ ପୂର୍ତ୍ତ ବିଭାଗ ରାସ୍ତାରେ ମୁକୁଳା ଅବସ୍ଥାରେ ଥିବା ୨ ଟ୍ରାନ୍ସଫର୍ମର ଜନସାଧାରଣଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଟ୍ରାନ୍ସଫର୍ମର ପାଖରେ ଶନିଶ୍ଚର ମହାରାଜଙ୍କ ମନ୍ଦିର ରହିଛି। ପୀଠକୁ ଗ୍ରାମର ଶତାଧିକ ଲୋକେ ଦୈନିକ ପୂଜାର୍ଚ୍ଚନା କରିବାକୁ ଆସୁଛନ୍ତି। ମୁଖ୍ୟ ରାସ୍ତାକୁ ଲାଗି ରହିଥିବା ଏହି ଖୋଲା ଟ୍ରାନ୍ସଫର୍ମର ବୁଲାଜନ୍ତୁଙ୍କ ପାଇଁ ମଧ୍ୟ ବିପଦ ପାଲଟିଛି। ବିଭାଗୀୟ ଅଧିକାରୀ ଏହାକୁ ଘେରାବନ୍ଦୀ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଏଥର କଡ଼ା ମୁକାବିଲା

**କାମାକ୍ଷାନଗର ବ୍ଲକ**
- ବିଜେଡି ପାଇଁ ସମ୍ମାନର ପ୍ରଶ୍ନ
- ଇତିହାସ ସୃଷ୍ଟି ଲକ୍ଷ୍ୟରେ ଭାଜପା
- ସୁଯୋଗ ଅପେକ୍ଷାରେ କଂଗ୍ରେସ

କାମାକ୍ଷାନଗର, ୫।୨(ଡି.ଏନ୍.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସରଗରମ ହୋଇଉଠିଛି କାମାକ୍ଷାନଗର ବ୍ଲକ। ଢେଙ୍କାନାଳ ଜିଲା ରାଜନୀତିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଏହି ଶିକ୍ଷାସମୃଦ୍ଧ ଅଞ୍ଚଳରେ ଗତ ନିର୍ବାଚନରେ ଭାଜପା-ବିଜେଡିର କଡ଼ା ମୁକାବିଲା ହୋଇଥିଲା। ୩ଟି ଜିଲା ପରିଷଦ ଜୋନ୍ ମଧ୍ୟରୁ ଶାସକ ଦଳ ୨, ଭାଜପା ଗୋଟିଏ ଆସନ ଅକ୍ତିଆର କରିଥିବାବେଳେ ଖାଲି ହାତରେ ସନ୍ତୁଷ୍ଟ ହୋଇଥିଲା କଂଗ୍ରେସ। ଚଳିତ ନିର୍ବାଚନ ବିଜେଡି ପାଇଁ ସମ୍ମାନର ପ୍ରଶ୍ନ ହୋଇଥିବାବେଳେ ସମସ୍ତ ୩ ଜୋନ୍ ହାତେଇ ଇତିହାସ ସୃଷ୍ଟି କରିବା ଲକ୍ଷ୍ୟରେ ରହିଛି ଭାଜପା। ଅନ୍ୟପଟେ ଗତଦିନର ତ୍ରୁଟି ସୁଧାରି ସୁଯୋଗକୁ ଉଣ୍ଡି ବସିଛି କଂଗ୍ରେସ। ଏଭଳି ସ୍ଥିତିରେ ସମସ୍ତ ୩ ଜୋନ୍‌ରେ ପ୍ରମୁଖ ରାଜନୈତିକ ଦଳ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଛି।

ମହିଳାଙ୍କ ପାଇଁ ସଂରକ୍ଷିତ ୧ନଂ. ଜୋନ୍‌ରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ବିଜେଡିରୁ ଦୀପ୍ତିମୟୀ ବିଶ୍ୱାଳ, ଭାଜପାରୁ ନିବେଦିତା ରାଉତ ଏବଂ କଂଗ୍ରେସରୁ କାମିନୀବାଳା ରାଉତ ଦଳୀୟ ଚିହ୍ନରେ ନିର୍ବାଚନ ଲଢୁଛନ୍ତି। ଦୀପ୍ତିମୟୀଙ୍କ ସ୍ୱାମୀ ବସନ୍ତ ବିଶ୍ୱାଳ ଗତ ପଞ୍ଚାୟତ ନିର୍ବାଚନରେ ଭାଜପାରୁ ଜିଲା ପରିଷଦ ପ୍ରାର୍ଥୀ ହୋଇଥିଲେ। ବିପକ୍ଷ ବିଜେଡି ପ୍ରାର୍ଥୀଙ୍କ ସହିତ କଡ଼ା ମୁକାବିଲାର ସମ୍ମୁଖୀନ ହୋଇ ସେ ଅଳ୍ପକେ ପରାଜିତ ହୋଇଥିଲେ। ପଞ୍ଚାୟତ ରାଜନୀତିରେ ତାଙ୍କର ପାରିବାରିକ ଦଖଲ ରହିଛି। ଚଳିତ ନିର୍ବାଚନରେ ବିଜେଡିରୁ ପ୍ରାର୍ଥୀ ହୋଇଥିବାରୁ ଦୀପ୍ତିମୟୀ ନିଶ୍ଚିତ ବିଜୟୀ ହେବେ ବୋଲି ଆଶା ବାନ୍ଧିଛନ୍ତି। ସେହିପରି ନିବେଦିତା ସ୍ୱୟଂ ସହାୟକ ଗୋଷ୍ଠୀର ସଂଯୋଜିକା ଥିଲେ। ତାଙ୍କ ସ୍ୱାମୀ ଅଞ୍ଚଳର ଜଣେ ପ୍ରତିଷ୍ଠିତ ବ୍ୟବସାୟୀ। ମହିଳାଙ୍କୁ ସ୍ୱାବଲମ୍ବୀ କରିବା, ସେମାନଙ୍କ ସମସ୍ୟାରେ ସେ ଛିଡ଼ା ହୋଇଛନ୍ତି। ତେଣୁ ମହିଳାମାନେ ତାଙ୍କୁ ପସନ୍ଦ କରିବେ ଏବଂ ସେ ନିର୍ବାଚନ ବୈତରଣୀ ପାର୍ କରିବେ ବୋଲି କହିଛନ୍ତି। ସେହିପରି କାମିନୀବାଳା ସ୍ଥାନୀୟ କାନପୁରା ବାସିନ୍ଦା। ତାଙ୍କ ପ୍ରତି ପଞ୍ଚାୟତବାସୀଙ୍କ ସମର୍ଥନ ଥିବାରୁ ସେ ଏଥର ନିଶ୍ଚିତ ବିଜୟ ହାସଲ କରିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ସେହିପରି ଗତ ନିର୍ବାଚନରେ ମହିଳାଙ୍କ ଲାଗି ସଂରକ୍ଷିତ ଥିବା ୨ନଂ. ଜୋନ୍‌ରେ ଭାଜପା ବିଜୟୀ ହୋଇଥିଲା। ଚଳିତ ନିର୍ବାଚନରେ ଏହାକୁ ଅଣସଂରକ୍ଷିତ ରଖାଯାଇଛି। ମୋଟ ୫ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାକୁ ଓହ୍ଲାଇଥିବାବେଳେ ପ୍ରଥମ ଥର ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଏହି ଜୋନ୍‌ରୁ ପ୍ରାର୍ଥୀ ଦେଇଛି। ଚଳିତ ନିର୍ବାଚନରେ ମଧ୍ୟ ଭାଜପା-ବିଜେଡି ମଧ୍ୟରେ କଡ଼ା ମୁକାବିଲା ହେବ ବୋଲି ଅନୁମାନ କରାଯାଉଛି। ଏହି ଜୋନ୍‌ରେ ବିଜେଡିରୁ ପ୍ରାର୍ଥୀ ହୋଇଥିବା ଅଶୋକ ବେହେରା ଅଞ୍ଚଳର ଜଣେ ଜଣାଶୁଣା ବ୍ୟବସାୟୀ। ଏଥିସହ ପରଜଙ୍ଗ ବିଧାୟକ ଡ. ନୃସିଂହ ଚରଣ ସାହୁଙ୍କ ସହଯୋଗୀ। ବିଧାୟକଙ୍କ ଲୋକପ୍ରିୟତା ଏବଂ ନିଜର ବ୍ୟବସାୟିକ ପ୍ରତିଷ୍ଠାକୁ ନେଇ ସେ ମଇଦାନକୁ ଓହ୍ଲାଇଛନ୍ତି। ଗତଥରର ତ୍ରୁଟିରୁ ଦଳ ବହୁତ ଶିକ୍ଷା ଲାଭ କରିଛି। ଚଳିତ ବର୍ଷ ବିଜେଡି ଏହି ଆସନ ଦଖଲ କରିବ ବୋଲି ଅଶୋକ ଆଶାବାଦୀ ଅଛନ୍ତି। ସେହିପରି ଭାଜପାରୁ ପ୍ରାର୍ଥୀ ହୋଇଥିବା ପ୍ରମୋଦ ପ୍ରସାଦ ନନ୍ଦ ଜଣେ ଅବସରପ୍ରାପ୍ତ ବରିଷ୍ଠ ବ୍ୟାଙ୍କ ଅଧିକାରୀ। ଲୋକଙ୍କ ଦୁଃଖସୁଖରେ ସାମିଲ ହେବା ସହିତ ନିର୍ବିବାଦୀୟ ଚେହେରା ହୋଇଥିବାରୁ ସେ ମଧ୍ୟ ଏହି ଆସନ ପାଇଁ ପ୍ରମୁଖ ଦାବିଦାର ପାଲଟିଛନ୍ତି। ଅପରପକ୍ଷେ କଂଗ୍ରେସ ଏଠାରେ ନୂଆ ମୁହଁ ଭାବେ ମୀନକେତନ ନାୟକଙ୍କ ଉପରେ ଭରସା କରିଛି। ସେ ଦଳୀୟ ନେତୃବୃନ୍ଦ ଏବଂ ଅନ୍ୟ ସାଙ୍ଗଠନିକ କର୍ମକର୍ତ୍ତାଙ୍କୁ ନେଇ ପ୍ରଚାର ଚଳାଇଛନ୍ତି। ଏଏପିର ପର୍ଶୁରାମ ମହାଭୋଇ ଦଳୀୟ ମୁଖ୍ୟ ଅରବିନ୍ଦ କେଜ୍‌ରିୱାଲ୍‌ଙ୍କ ନୀତିଆଦର୍ଶ ଏବଂ ଅଞ୍ଚଳରେ ହେଉଥିବା ଦୁର୍ନୀତିକୁ ମୁଖ୍ୟ ପ୍ରସଙ୍ଗ କରି ବିରୋଧୀଙ୍କୁ ଘେରୁଛନ୍ତି। ଏହି ଜୋନ୍ ଅନ୍ତର୍ଗତ ମହୁଲପାଳ ପଞ୍ଚାୟତରୁ ଏକମାତ୍ର ସ୍ୱାଧୀନ ପ୍ରାର୍ଥୀ ଭାବେ ଶ୍ରୀପତି କୁମାର ରାଉତ ନିର୍ବାଚନ ଲଢୁଥିବାବେଳେ ସେ ପଞ୍ଚାୟତର ଶିକ୍ଷିତ ବର୍ଗଙ୍କ ଉପରେ ଭରସା କରିଛନ୍ତି।

ଅପରପକ୍ଷେ ଗତ ନିର୍ବାଚନରେ ଅଣସଂରକ୍ଷିତ ରହିଥିବା ୩ନଂ. ଜୋନ୍ ଚଳିତ ଥର ଅନୁସୂଚିତ ଜାତି ମହିଳା ବର୍ଗ ପାଇଁ ସଂରକ୍ଷିତ ରହିଛି। ନିର୍ବାଚନ ପୂର୍ବରୁ ଦଳବଦଳ ପାଇଁ ଏହି ଜୋନ୍ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ଜିଲା ପରିଷଦ ଆସନରୁ ଅବନ୍ତୀ ସେଠୀଙ୍କୁ ବିଜେଡି ଟିକେଟ୍ ଦେଇଛି। ସେ ପୂର୍ବରୁ କଂଗ୍ରେସ ଦଳର ଆଗଧାଡ଼ିର କର୍ମୀ ଥିଲେ। ଏପରିକି ବିଗତ ନିର୍ବାଚନରେ କଂଗ୍ରେସ ଟିକେଟରୁ ଜିଲା ପରିଷଦ ପ୍ରାର୍ଥୀ ଭାବେ ବିଜୟୀ ହୋଇଥିଲେ। ହେଲେ ଘଟଣାକ୍ରମେ ସେ ଶାସକ ଦଳରେ ସାମିଲ ହୋଇଛନ୍ତି। ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଏବଂ ନିଜର ସାଙ୍ଗଠନିକ ଦକ୍ଷତା ବଳରେ ସେ ପୁନର୍ବାର ଏହି ଆସନ କବ୍‌ଜା କରିବାକୁ ଲାଗିପଡ଼ିଛନ୍ତି। ସେହିପରି ବିଗତ ନିର୍ବାଚନରେ ବିଜେଡି ସମର୍ଥନରେ ସରପଞ୍ଚ ହୋଇଥିବା ପ୍ରସାଦ ସେଠୀ ଭାଜପାରେ ସାମିଲ ହେବା ପରେ ତାଙ୍କ ସ୍ତ୍ରୀ ଶଶିରେଖା ସେଠୀଙ୍କୁ ଦଳୀୟ ଟିକେଟ ମିଳିଛି। ପୁରୁଣା ସଙ୍ଗଠନର କେତେକ ନେତା, ଦଳୀୟ କର୍ମୀ ଏବଂ ଭାଜପା ନେତୃବୃନ୍ଦଙ୍କୁ ଧରି ପ୍ରସାଦ ଏବଂ ଶଶିରେଖା ଘରଘର ବୁଲି ଭୋଟ ଭିକ୍ଷା କରୁଛନ୍ତି। କଂଗ୍ରେସ ଲିପିକା ନାୟକଙ୍କୁ ଟିକେଟ ଦେଇଥିବାବେଳେ ଅନୁସୂଚିତ ଜାତି ଭୋଟରଙ୍କ ଭୋଟ ହାତେଇ ବିରୋଧୀଙ୍କୁ ଚକ୍‌ମା ଦେବାକୁ ରଣନୀତି ପ୍ରସ୍ତୁତ କରୁଛନ୍ତି ଲିପିକା। ସେହିପରି ଏହି ଜୋନ୍‌ରୁ ସନ୍ଧ୍ୟାରାଣୀ ସେଠୀ ସ୍ୱାଧୀନ ପ୍ରାର୍ଥୀଭାବେ ମଇଦାନକୁ ଓହ୍ଲାଇଛନ୍ତି। କାମାକ୍ଷାନଗରରେ ୨୦ ତାରିଖରେ ମତଦାନ ହେବାକୁ ଥିବାବେଳେ ସମସ୍ତ ପ୍ରାର୍ଥୀ ପ୍ରଚାରକୁ ଜୋର୍‌ଦାର କରିଛନ୍ତି।

## ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଲେ ବିଧାୟକ

ବଇଣ୍ଡା, ୫।୨(ଡି.ଏନ୍.ଏ.)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ୧୩ନଂ. ଜୋନ୍‌ରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଜେଡି ପ୍ରାର୍ଥୀ ବିଷ୍ଣୁପ୍ରିୟା ପ୍ରଧାନ ଶନିବାରଠାରୁ ପ୍ରଚାର ଜୋର୍‌ଦାର କରିଛନ୍ତି। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଘର ଘର ବୁଲି ଭୋଟ ଭିକ୍ଷା କରିଛନ୍ତି। ନୁନୁକାପଶି ପଞ୍ଚାୟତର ଶରଧାମୁଣ୍ଡା ଗ୍ରାମରୁ ଏହି ପ୍ରଚାର ଆରମ୍ଭ ହୋଇଛି।୨୦୧୭ ନିର୍ବାଚନରେ କିଶୋରନଗର ବ୍ଲକର ସମସ୍ତ ୩ ଜିଲା ପରିଷଦ ଆସନ ଭାଜପା ପୋଛି ନେଇଥିଲା। ଚଳିତ ନିର୍ବାଚନରେ ଏହି ସମସ୍ତ ଜୋନ୍ ହାତେଇବା ଶାସକ ଦଳ ପାଇଁ ଚ୍ୟାଲେଞ୍ଜ ପାଲଟିଛି। ସେଥିଲାଗି ବିଜେଡି ନେତୃବୃନ୍ଦ ଦିନରାତି ଏକ୍ କରି ଦେଇଛନ୍ତି। ନବୀନ ସରକାରଙ୍କ ଲୋକପ୍ରିୟତା, କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଗରିବ କଲ୍ୟାଣ ଯୋଜନା, ଗ୍ରାମାଞ୍ଚଳର ବିକାଶକୁ ନେଇ ବିଜେଡି ଭୋଟରଙ୍କ ପାଖକୁ ଯାଉଛି। କିଶୋରନଗର ବ୍ଲକ ବିଜେଡି ସଭାପତି କୁମୁଦ ଚନ୍ଦ୍ର ପ୍ରଧାନ, ସୁନୀଲ ପ୍ରଧାନ, ସୁନୀଲ ବିଶ୍ୱାଳ, ବ୍ଲକ ଯୁବ ବିଜେଡି ସଭାପତି ଅରୁଣ ସାହୁ, ସନ୍ତୋଷ ପ୍ରଧାନ, ପବନା ବେହେରା, ଅର୍ଜୁନ ସାହୁ ପ୍ରମୁଖ ବହୁ କର୍ମୀ ପ୍ରଚାରରେ ସାମିଲ ହୋଇଛନ୍ତି।



ଜିଲା ପରିଷଦ ପ୍ରାର୍ଥୀଙ୍କ ପାଇଁ ବିଧାୟକ ପ୍ରଚାର କରୁଛନ୍ତି।

## ୪୪ ୟୁନିଟ୍ ରକ୍ତ ସଂଗ୍ରହ



ଜଣେ ସ୍ୱେଚ୍ଛାସେବୀଙ୍କଠାରୁ ରକ୍ତ ସଂଗ୍ରହ କରାଯାଉଛି।

ଅନୁଗୋଳ ଅଫିସ, ୫।୨

ଅନୁଗୋଳ ବ୍ଲକ ସୁସୁଡ଼ା ପଞ୍ଚାୟତର ଗୋପୀନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 'ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ' ଏବଂ ସ୍ଥାନୀୟ ଯୁବକ ସଂଘ ମିଳିତ ଆନୁକୂଲ୍ୟରେ ଶୁକ୍ରବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ ୪୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବିଜେଡି ଯୁବନେତା ଅରୁଣାଭ ସିଂ, ୩ନଂ. ଜୋନ୍ ବିଜେଡି ଜିଲା ପରିଷଦ ପ୍ରାର୍ଥୀ ପ୍ରିୟଦର୍ଶୀ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରାଇଥିଲେ। ସରପଞ୍ଚ ପ୍ରାର୍ଥୀ ଚିତ୍ତରଞ୍ଜନ ସେନାପତି, ଗିରୀଶ ଚନ୍ଦ୍ର ସାହୁ, ଗୋପୀନାଥ ପ୍ରଧାନ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ସୁସ୍ଥ ଜୀବନଶୈଳୀ ଉପରେ ଗୁରୁତ୍ୱ

ଅନୁଗୋଳ ଅଫିସ, ୫।୨

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ବିଶ୍ୱ କର୍କଟ ଦିବସ ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ପ୍ରତ୍ୟେକ ରୋଗାକ୍ରାନ୍ତ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉପରେ ଡାକ୍ତର ପ୍ରଧାନ ଗୁରୁତ୍ୱାରୋପ କରାଇଥିଲେ। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଧନଞ୍ଜୟ ବେହେରା ଆଶୁରୋଗ ଚିହ୍ନଟ, ସମୟୋଚିତ ଚିକିତ୍ସା ଓ ସକାରାତ୍ମକ ଭାବନା ଦ୍ୱାରା କର୍କଟ ରୋଗୀ ସାଧାରଣ ଜୀବନଯାପନ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଜିଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଦିଲୀପ କୁମାର ପଟ୍ଟନାୟକ ସୁସ୍ଥ ଜୀବନଶୈଳୀ ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଶ୍ୱବିହାରୀ ମହାନ୍ତି ନିୟମିତ ବ୍ୟାୟାମ ଓ ସୁସ୍ଥ ଜୀବନ ଶୈଳୀ ସମ୍ପର୍କରେ କହିଥିଲେ। ବରିଷ୍ଠ ଭେଷଜ ପରାମର୍ଶଦାତା ଡା.ଦିଗମ୍ବର ସାହୁ କର୍କଟ ରୋଗୀଙ୍କୁ ଶୀଘ୍ର ଚିହ୍ନଟ କରି ଚିକିତ୍ସା କରିବା ଉପରେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସହକାରୀ ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ଭରତ କୁମାର ସାହୁ ଓ ଆସିଷ୍ଟାଣ୍ଟ ମ୍ୟାନେଜର ଏନ୍.ସି.ଡି. ଅଜିତ ତ୍ରିପାଠୀ ପରିଚାଳନା କରିଥିଲେ।

## କୃତ୍ତିବାସଙ୍କ ଚିକିତ୍ସା ଆରମ୍ଭ

**'ଧରିତ୍ରୀ' ପ୍ରଭାବ**

ବଇଣ୍ଡା, ୫।୨(ଡି.ଏନ୍.ଏ.)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଗ୍ରାମର ମାନସିକ ରୋଗୀ କୃତ୍ତିବାସ ମହାପାତ୍ର (୨୩)ଙ୍କ ଶୁକ୍ରବାରଠାରୁ ଚିକିତ୍ସା ଆରମ୍ଭ ହୋଇଛି। ସ୍ୱାସ୍ଥ୍ୟ ବିଭାଗ ଏବଂ ପ୍ରଶାସନର ମିଳିତ ଟିମ୍ ତାଙ୍କୁ ଶିକୁଳି ମୁକ୍ତ କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ତାଙ୍କର ଚିକିତ୍ସା କରୁଛି।

ସୂଚନାଯୋଗ୍ୟ, କୃତ୍ତିବାସ ୩ ମାସ ତଳେ ମାନସିକ ରୋଗରେ ଆକ୍ରାନ୍ତ ହୋଇଥିଲେ। ଅର୍ଥାଭାବରୁ ପରିବାର ଲୋକେ ପୁଅର ଚିକିତ୍ସା କରି ନ ପାରି ଶିକୁଳିରେ ବାନ୍ଧି ରଖିଥିଲେ। ଏ ନେଇ ଗତ ଫେବୃୟାରୀ ୧ରେ 'ଧରିତ୍ରୀ'ରେ 'ସମ୍ବଳ ନ ଥିବାରୁ ଶିକୁଳି' ଶୀର୍ଷକ ରିପୋର୍ଟ ପ୍ରକାଶିତ ହୋଇଥିଲା। ଏହି ଖବରକୁ ନେଇ ଆଠମଲ୍ଲିକ ବ୍ଲକ ବେଲାଦୁଲା ଗ୍ରାମର ସାମାଜିକ କର୍ମୀ ପ୍ରତାପ ମେହେର ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ଜିଲାପାଳଙ୍କୁ ଟୁଇଟ କରିଥିଲେ। ଘଟଣା ସମ୍ପର୍କରେ ଆଠମଲ୍ଲିକ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଜିଲାପାଳଙ୍କୁ ଅବଗତ କରାଯାଇଥିଲା। ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ମିଳିତ ଟିମ୍ କୃତ୍ତିବାସଙ୍କ ଘରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ ଏବଂ ତାଙ୍କ ମା'ଙ୍କ ଅନୁମତିକ୍ରମେ ଜିଲା ଚିକିତ୍ସାଳୟକୁ ନେଇଥିଲେ। ଏ ନେଇ ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା କୁହନ୍ତି, ପ୍ରଶାସନ ପକ୍ଷରୁ କୃତ୍ତିବାସଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତାଙ୍କର ଚିକିତ୍ସା ଚାଲିଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିବା ଉପଜିଲାପାଳ କହିଛନ୍ତି।

# 'ହାତୀ-ଗିରିଦା'କୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦାବି

**୧୫୦ ବର୍ଷ ତଳେ ଜଙ୍ଗଲୀ ହାତୀଙ୍କୁ ପୋଷା ମନାଯାଉଥିଲା**

ଢେଙ୍କାନାଳ ଅଫିସ, ୫।୨

ଢେଙ୍କାନାଳର ମହାରାଜା ଭଗୀରଥ ମହେନ୍ଦ୍ର ବାହାଦୁରଙ୍କ ରାଜତ୍ୱ ସମୟରେ ବଣୁଆ ହାତୀଙ୍କୁ ପୋଷା ମନାଇବା ଲାଗି ଅନନ୍ତପୁର ସଂରକ୍ଷିତ ଜଙ୍ଗଲରେ ନିର୍ମାଣ କରାଯାଇଥିଲା 'ହାତୀ-ଗିରିଦା'। ଏହି ଐତିହ୍ୟସମ୍ପନ୍ନ ସ୍ଥାନକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବାକୁ ଦାବି ହୋଇଛି। ପ୍ରାୟ ୧୬୦ ବର୍ଷ ପୁରାତନ ଏହି ସ୍ଥାନରେ ପର୍ଯ୍ୟଟକ ଅନୁକୂଳ ବାତାବରଣ ସୃଷ୍ଟିକଲେ ଏହାର ଗୁରୁତ୍ୱ ବଢ଼ିବ ବୋଲି ସାମାଜିକ କର୍ମୀ ରାଜୀବ ଲୋଚନ ସିଂଦେଓ କହିଛନ୍ତି।

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକଠାରୁ ୫ କିଲୋମିଟର ଦୂରରେ ରହିଛି ଗୁଣ୍ଡିଚାନାଳୀ ଗ୍ରାମ। ଗ୍ରାମଠାରୁ ୪ କିଲୋମିଟର ଦୂରରେ ରହିଛି ହାତୀ-ଗିରିଦା। ଅନନ୍ତପୁର ସଂରକ୍ଷିତ ଜଙ୍ଗଲର ୩ଟି ପାହାଡ଼ର ମିଶ୍ରଣ ସ୍ଥଳରେ ଜଙ୍ଗଲୀ ହାତୀଙ୍କୁ ଧରି ପୋଷା ମନାଇବା ପାଇଁ ହାତୀ-ଗିରିଦା ନିର୍ମାଣ କରାଯାଇଥିଲା। ଅବିଭକ୍ତ ଢେଙ୍କାନାଳ ଜିଲାର ଗଡ଼ଜାତ ସମୟରେ ଏହା ଥିଲା ଏକମାତ୍ର ହାତୀଧରା କେନ୍ଦ୍ର। ପ୍ରାକୃତିକ ଶୋଭାରାଜିରେ ଭରା ଏହି ସ୍ଥାନକୁ ପର୍ଯ୍ୟଟନ ସ୍ଥଳୀରେ ରୂପାନ୍ତରିତ କରିବାକୁ ଜିଲା ସକ୍ରିୟ ନାଗରିକ ପରିଷଦ ପକ୍ଷରୁ ପ୍ରଶାସନ ଓ ବନ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଛି। ଇତିହାସ ଏବଂ ପରମ୍ପରାକୁ ନେଇ ହାତୀ-ଗିରିଦା ସମୃଦ୍ଧ। ଗୁଣ୍ଡିଚାନାଳୀଠାରୁ ଗ୍ରାମ ଜଙ୍ଗଲ ଦେଇ ପାଦଚଲା ରାସ୍ତାରେ ୨ କିମି ଗଲେ ପଡ଼େ ମା' କଳା ମହାପାଟଙ୍କ ମଠ। ୩୨ ବର୍ଷ ତଳେ ନିର୍ମାଣ କରାଯାଇଥିବା ଏହି ମଠରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ସୁଭଦ୍ରାଙ୍କ ମୂର୍ତ୍ତି ପୂଜା ପାଉଛନ୍ତି। ମଠ ନିକଟରେ ରହିଛି ମା'ଙ୍କ ଆସ୍ଥାନ। ଏହା ପରିସରରେ ବହୁ ମୂଲ୍ୟବାନ ବୃକ୍ଷରାଜି ରହିଛି। ରାସ୍ତାରେ ପ୍ରତିବନ୍ଧକ ସାଜୁଥିବା ରାମିଆଳ ନଦୀ ପାର ହେବାକୁ ଏକ ଅସ୍ଥାୟୀ କାଠପୋଲ ମଧ୍ୟ ରହିଛି। ହାତୀ-ଗିରିଦାକୁ ସବୁଦିନିଆ ସଡ଼କ କରାଯିବା ସହ ପରିବେଶ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦିଆଗଲେ ଏହା ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣ ପାଲଟିବ। ୧୫୦ବର୍ଷ ତଳେ କିପରି ହାତୀ ଧରାଯାଉଥିଲା, ସେ ସମ୍ପର୍କରେ ପର୍ଯ୍ୟଟକମାନେ ଏଠାରୁ ସୂଚନା ପାଇପାରିବେ। ପ୍ରଶାସନ ଏବଂ ବନ ବିଭାଗ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ଜିଲା ସକ୍ରିୟ ନାଗରିକ ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ, ଆବାହକ କୃଷ୍ଣଚନ୍ଦ୍ର ଦ୍ୱିବେଦୀ, ସଭ୍ୟ ରାମଚନ୍ଦ୍ର ସାହୁ ପ୍ରମୁଖ ଦାବି କରିଛନ୍ତି।



ରାମିଆଳ ନଦୀରେ ନିର୍ମିତ ଅସ୍ଥାୟୀ କାଠପୋଲ।



ହାତୀ-ଗିରିଦାର ଭଗ୍ନାବଶେଷ।

## ଉଦ୍ଧାର ସମିତିସଭ୍ୟ ପ୍ରାର୍ଥୀଙ୍କୁ ପରିବାରକୁ ହସ୍ତାନ୍ତର

ଢେଙ୍କାନାଳ ଅଫିସ, ୫।୨

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ନୂଆଗାଁ ପଞ୍ଚାୟତର ବିଜେଡି ସମର୍ଥିତ ସମିତିସଭ୍ୟ ପ୍ରାର୍ଥୀ ସୁବ୍ରତ ରାଉତ (୨୩)ଙ୍କୁ ପୋଲିସ ଉଦ୍ଧାର କରିବାର ୨ ଦିନ ପରେ ଶୁକ୍ରବାର ସନ୍ଧ୍ୟାରେ ପରିବାରକୁ ହସ୍ତାନ୍ତର କରିଛି। ଅପହରଣ ସମ୍ପର୍କରେ ସେ ମୁହଁ ଖୋଲୁ ନ ଥିବାରୁ ଘଟଣା ରହସ୍ୟାବୃତ୍ତ ହୋଇ ରହିଛି। ସେହିପରି ସୁବ୍ରତ ଚାପଗ୍ରସ୍ତ ହୋଇପଡ଼ିଥିବାରୁ ପରିବାର ଲୋକେ ଚିନ୍ତିତ ଅଛନ୍ତି। ଏହି ଘଟଣାରେ ଶନିବାର କଣ୍ଟାବଣିଆ ଥାନା ପୋଲିସ ୨ଜଣଙ୍କୁ ଅଟକ ରଖି ପଚରାଉଚରା କରିବା ସହିତ ସେମାନଙ୍କ ଫୋନ୍ କଲ୍ ଯାଞ୍ଚ କରୁଛି। ଅନ୍ୟପଟେ ତଦନ୍ତ ଆଳରେ ପୋଲିସ ପକ୍ଷରୁ ସବିଶେଷ ତଥ୍ୟ ଦିଆଯାଉନାହିଁ। ତେଣୁ ଏହା ପଛରେ ପ୍ରକୃତରେ କାହାର ହାତ ରହିଛି, ତାହାକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି । ଏ ସଂକ୍ରାନ୍ତରେ ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି. କୁହନ୍ତି, ସୁବ୍ରତଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ହେଲେ ତଦନ୍ତ କେବେ ସରିବ ଏବଂ ଏହି ଘଟଣାର ରହସ୍ୟ କେବେ ଉନ୍ମୋଚନ ହେବ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ମୃତକଙ୍କ ପରିଚୟରେ ଜମି ବିକ୍ରି, ମହିଳା ଗିରଫ

କଣିହାଁ, ୫।୨(ଡି.ଏନ୍.ଏ.)

ମୃତକଙ୍କ ନାମରେ ଥିବା ଜମିକୁ ଜାଲ ପରିଚୟ ଦେଇ ବିକ୍ରି କରିଥିବା ଅଭିଯୋଗରେ କଣିହାଁ ଥାନା ପୋଲିସ ଶନିବାର ଜଣେ ମହିଳାଙ୍କୁ ଗିରଫ କରିଛି। ସେ ହେଲେ କେନ୍ଦୁଝର ଜିଲା ତେଲକୋଇ ଥାନା ଶିରିଗିଡ଼ା ଗ୍ରାମର କୌଶଲ୍ୟା ପାତ୍ର। ପୋଲିସ ସୂଚନା ଅନୁଯାୟୀ, ସାନ୍ତ୍ରିବିଡ଼ା ଗ୍ରାମର ଲକ୍ଷ୍ମୀ ବେହେରାଙ୍କ ନାମରେ ୪ ଏକର ଜମି ଥିବାବେଳେ ୧୯୯୦ରେ ତାଙ୍କର ଦେହାନ୍ତ ହୋଇଥିଲା। ତାଙ୍କ ଜମିକୁ ଦାରୁବ୍ରହ୍ମ ନାଏକଙ୍କ ସମେତ ଅନ୍ୟ କେତେଜଣ ଜାଲ କରି କୁକୁଡାଙ୍ଗର ମଧୁ ନାଏକଙ୍କୁ ବିକ୍ରି କରିଥିଲେ। ଏଥିରେ ସହଯୋଗ କରିଥିଲେ କୌଶଲ୍ୟା। ସେ ନିଜକୁ ଲକ୍ଷ୍ମୀ ବୋଲି ପରିଚୟ ଦେଇ ଏହି ଜାଲିଆତିରେ ସାମିଲ ଥିଲେ। ଲକ୍ଷ୍ମୀଙ୍କ ଝିଅ ବିନିତି ଏହା ଜାଣିପାରି ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ନଂ. ୨୫୦/୨୧ରେ ଏକ ମାମଲା ରୁଜୁ ହୋଇଛି। କୌଶଲ୍ୟାଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି କିଶୋର କୁମାର ସାମଲ ସୂଚନା ଦେଇଛନ୍ତି।

## ମନୋବିଜ୍ଞାନ ବିଭାଗର ଜାତୀୟସ୍ତରୀୟ ୱେବିନାର

ଢେଙ୍କାନାଳ ଅଫିସ, ୫।୨

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ମନୋବିଜ୍ଞାନ ବିଭାଗ ପକ୍ଷରୁ ଜାନୁୟାରୀ ୩୧ରୁ ସପ୍ତାହବ୍ୟାପୀ ଚାଲିଥିବା ଜାତୀୟସ୍ତରୀୟ ୱେବିନାର ଶନିବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସ୍ଥାନରୁ ୪୯୮ ଅଧ୍ୟାପକ, ଗବେଷକ, କର୍ପୋରେଟ ଅଧିକାରୀ, ସାମାଜିକ କର୍ମୀ ଓ ଶିକ୍ଷାର୍ଥୀ ଯୋଗଦେଇଥିଲେ। ପ୍ରଫେସର ରଣଜିତ୍ ପ୍ରଧାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମନସ୍ତତ୍ତ୍ୱ ବିଭାଗ ମୁଖ୍ୟ ଡ. ନମିତା ଦାସ 'ସାଇକୋ-ସୋସିଆଲ ଇସ୍ୟୁ ଆଣ୍ଡ ଇଣ୍ଟରଭେନ୍‌ସନ' ଉପରେ ଆଲୋକପାତ କରିଥିଲେ। ଡ. ନିରଞ୍ଜନ ସିଠ, ଡ. ସଂଯୁକ୍ତା ପାଢ଼ୀ, ଡ. ଜୟଶ୍ରୀ ମିଶ୍ର, ମୌସୁମୀ ସେଠୀ, ଅକ୍ଷୟ କୁମାର ସିଠ, ଡ. ସୁଦୀପ କୁମାର ଚୌଧୁରୀ ପ୍ରମୁଖ ଯୋଗଦେଇ ମାନସିକ ସ୍ୱାସ୍ଥ୍ୟ, ପାରିବାରିକ ସମ୍ପର୍କ, ମାନସିକ ଚାପ, ଆତ୍ମହତ୍ୟା ସମସ୍ୟା ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିଥିଲେ। ଡ. ଦେବାଶିଷ ମହାନ୍ତି, ଡ. ସୁରେଖା ବଳିଆର ସିଂ, ଡ. ପ୍ରଶାନ୍ତ କୁମାର ପରିଡ଼ା, ଡ. ଦେବରାଜ ପରିଡା, ଡ. ରଞ୍ଜିତା ମହାନ୍ତି, ଦିଲୀପ କୁମାର ନାୟକ, ରତ୍ନପ୍ରଭା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଆବାହକ ଡ. ନମିତା ଦାସ ଧନ୍ୟବାଦ ଦେଇଥିଲେ।

## ୭୦୦୦ ଟଙ୍କା ଜରିମାନା ଆଦାୟ

ବଇଣ୍ଡା, ୫।୨(ଡି.ଏନ୍.ଏ.)

କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ଲୁହାମୁଣ୍ଡା ନିକଟରେ ହଣ୍ଡପା ଥାନା ପୋଲିସ ପକ୍ଷରୁ ଶନିବାର ଯାନବାହନ ଯାଞ୍ଚ କରାଯାଇଛି। ଉଭୟପାର୍ଶ୍ୱରୁ ଆସୁଥିବା ଗାଡ଼ି ଅଟକାଇ କାଗଜପତ୍ର, ଲାଇସେନ୍ସ, ହେଲ୍‌ମେଟ ଆଦି ଯାଞ୍ଚ କରାଯାଇ ୬ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏଥିସହ ମାସ୍କ ଯାଞ୍ଚ କରାଯାଇ ୧୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା।

